# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**02nd November - 2024**

**News Editor : *Tapan Kumar Maharana***

*****************************************

***Bolangir/R***

# ମୁଖ୍ୟମନ୍ତ୍ରୀ - ବଲାଙ୍ଗିର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବଲାଙ୍ଗିର ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରରେ ଜିଲ୍ଲାରେ ୫୯୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ମୁଖ୍ୟମନ୍ତ୍ରୀ ଜିଲ୍ଲାର ତୁଷୁରା, ବେଲପଡ଼ା, ପାଟଣାଗଡ଼ ଏବଂ ବଲାଙ୍ଗିରରେ ୬ଟି କାର୍ଯ୍ୟକ୍ରମରେ ଯୋଗଦେବେ । ଜିଲ୍ଲାଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ୧୬ଟି ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ପ୍ରକଳ୍ପ, ୩୧ଟି ସ୍ୱାସ୍ଥ୍ୟ ପ୍ରକଳ୍ପ, ପ୍ରଦକ୍ଷଣ ଗୃହର ନୂତନ କୋଠା ଓ ୩ଟି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ କରିବେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ପ୍ରମୁଖ ଯୋଗଦେବେ । ଅପରାହ୍ଣରେ 'ବଲାଙ୍ଗିର ଦିନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ପ୍ରାଦେଶିକ ବନ୍ଧୁମିଳନରେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ସକାଳେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

*Desk*

# ଜି.ଏସ୍.ଟି.

ରାଜ୍ୟରେ ଦ୍ରବ୍ୟ ଓ ସେବାକର ଆଦାୟ ପରିମାଣ ଅକ୍ଟୋବର ମାସରେ ୧୦ ପ୍ରତିଶତ ବୃଦ୍ଧି ପାଇଛି । ଅର୍ଥମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ରାଜ୍ୟରେ ଜି.ଏସ୍.ଟି. ପରିମାଣ ୪ ହଜାର ୫୯୧ କୋଟି ଟଙ୍କାରେ ପହଞ୍ଚିଛି । ଏଥିରେ ୩୩ ହଜାର ୮୨୧ କୋଟି ଟଙ୍କାର କେନ୍ଦ୍ରୀୟ ଜି.ଏସ୍.ଟି, ୪୧ ହଜାର ୮୬୪ କୋଟି ଟଙ୍କାର ରାଜ୍ୟ ଜି.ଏସ୍.ଟି. ଏବଂ ୯୯ ହଜାର ୧୧୧ କୋଟି ଟଙ୍କାର ସମନ୍ୱିତ ଜି.ଏସ୍.ଟି. ରହିଛି । ଅକ୍ଟୋବର ମାସରେ ୧୨ ହଜାର ୫୫୦ କୋଟି ଟଙ୍କାର କ୍ଷତିପୂରଣ ସେସ୍ ଆଦାୟ କରାଯାଇଥିବା ଜଣାପଡ଼ିଛି ।

*Desk*

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ପୁଣି ଥରେ ସାମିଲ୍ କରିବା ନେଇ ନୂଆ ମାର୍ଗଦର୍ଶିକା ଜାରି କରାଯିବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାରେ ୨ ଲକ୍ଷ ସତଷଠି ହଜାର ମହିଳା ରଦ୍ଦ ତାଲିକାରେ ସାମିଲ୍ ହୋଇଛନ୍ତି । କେଉଁ ଆଧାରରେ ସେମାନଙ୍କର ଯାଞ୍ଚ୍ କରାଯିବ, ସେନେଇ ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ । ଅନ୍ୟପକ୍ଷରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି

ସେ କହିଛନ୍ତି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ଅଙ୍ଗନୱାଡ଼ି କର୍ମୀଙ୍କୁ ଏହି ପର୍ଯ୍ୟାୟରେ ସୁଭଦ୍ରା ସହାୟତା ରାଶି ପ୍ରଦାନ କରାଯିବ ।

***Desk***

## ପୁଲିସ ଦକ୍ଷତା ପଦକ

ରାଜ୍ୟର ୩ ଜଣ ପୁଲିସ୍ କର୍ମଚାରୀ ଚଳିତ ବର୍ଷପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଦକ୍ଷତା ପଦକ ପାଇବେ । ପୁଲିସ୍ ଇନ୍ସ୍ପେକ୍ଟର ସବ୍ୟସାଚୀ ମଲ୍ଲ, ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ରିଗାନ କିଣ୍ଡୋ ଅନୁସନ୍ଧାନ ବର୍ଗରେ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଚଳିତ ବର୍ଷ ସ୍ୱତନ୍ତ୍ର ଅଭିଯାନ, ଅନୁସନ୍ଧାନ, ଗୁଇନ୍ଦା ସୂଚନା ଓ ଫରେନ୍ସିକ୍ ବିଜ୍ଞାନ ବର୍ଗରେ ଦେଶର ୪୬୩ ଜଣ ପୁଲିସ୍ କର୍ମଚାରୀଙ୍କୁ ଦକ୍ଷତା ପଦକ ପ୍ରଦାନ କରାଯିବ ।

***Desk***

## ସ୍ୱତନ୍ତ୍ର ଟ୍ରେନ୍

ଛଟ୍ ପୂଜାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ୭ ହଜାର ୩୪୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଟିକେଟ୍ କାଉଣ୍ଟର ଓ ବିଶ୍ରାମାଗାର କରାଯାଇଛି ।

ଅନ୍ୟପକ୍ଷରେ ପୂର୍ବତଟ ରେଳବାଇ ପକ୍ଷରୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱରରୁ ଧାନବାଦ ଓ ବିଶାଖାପାଟଣା, ବ୍ରହ୍ମପୁରରୁ ସିକନ୍ଦରାବାଦ, ପୁରୀରୁ ଭଞ୍ଜପୁର ଓ ବାରିପଦା ଏବଂ ପୁରୀରୁ ପାଟନା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ଜଣାପଡ଼ିଛି ।

***Desk***

# ପ୍ରଭାତୀ ପରିଡ଼ା - ବିଦେଶ ଗସ୍ତ

ରାଜ୍ୟର ପର୍ଯ୍ୟଟନ ଶିଳ୍ପରେ ଅଧିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲକ୍ଷ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜିଠାରୁ ୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଗସ୍ତରେ ଯିବେ। ଗସ୍ତ କାଳରେ ଶ୍ରୀମତୀ ପରିଡ଼ା ଓଡ଼ିଶାରେ ପର୍ଯ୍ୟଟନ ବିକାଶର ବିଭିନ୍ନ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏଥିପ୍ରତି ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନେଇ ଉପମୁଖ୍ୟମନ୍ତ୍ରୀ ଏହି ଗସ୍ତ କରୁଥିବା ଜଣାପଡ଼ିଛି।

***Desk***

# ସୁଡ଼ଙ୍ଗ ନିର୍ମାଣ

ଦେଶରେ ଦେଢ଼ କିଲୋମିଟର କିମ୍ବା ତା'ଠାରୁ ଅଧିକ ଲମ୍ବର ସୁଡ଼ଙ୍ଗ ନିର୍ମାଣ ପାଇଁ କେନ୍ଦ୍ର ବିଶେଷଜ୍ଞ କମିଟିର ମଞ୍ଜୁରି ବାଧ୍ୟତାମୂଳକ କରାଯାଇଛି ।

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଦେଶର ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ନିର୍ମାଣ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି ସୁଡ଼ଙ୍ଗ ନିର୍ମାଣ ସମ୍ବନ୍ଧୀୟ ସମସ୍ତ ମଞ୍ଜୁରି ମିଳିସାରିବା ପରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ । ମନ୍ତ୍ରଣାଳୟର ନିର୍ଦ୍ଦେଶନାମାରେ ଦୁର୍ଘଟଣା ସ୍ଥିତିରେ ରକ୍ଷା ପାଇବାର ବିକଳ୍ପ ମାର୍ଗ ନିର୍ମାଣକୁ ମଧ୍ୟ ଅନିବାର୍ଯ୍ୟ କରାଯାଇଛି ।

***Bhadrak/R***

# ଭଦ୍ରକାଳୀ

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ଆଜି ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଛନ୍ତି । ଭଦ୍ରକାଳୀଙ୍କ ପୀଠରେ ସପ୍ତଚଣ୍ଡୀ ପାଠ, ଗୀତା ମହାଯଜ୍ଞ ଓ ଦୀପଯଜ୍ଞ ଅନୁଷ୍ଠିତ ହେଉଛି । ଜିଲ୍ଲାର ଦକ୍ଷିଣେଶ୍ୱରୀ କାଳୀ, କୁଣ୍ଡିକାଳୀ ଓ ଶ୍ୟାମାକାଳୀ ପୀଠରେ ପୂଜାର୍ଚ୍ଚନା କରାଯାଉଛି ।

***Dhenkanal/R***

# ରାଜସ୍ୱ ଆୟୁକ୍ତ – ଢେଙ୍କାନାଳ

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ଗସ୍ତକାଳରେ ସେ ନ୍ୟାୟିକ, ରାଜସ୍ୱ, ଯୋଜନା, ଯୋଗାଣ ଓ କୃଷି ଭଳି ୩୩ଟି ବିଭାଗର

ସମୀକ୍ଷା କରିଥିଲେ । ପରେ ଶ୍ରୀ ଯାଦବ ଗଦାଶିଳା ପାର୍କ ପରିଦର୍ଶନ କରିଥିଲେ ।

*ECoR*

## ରେଳବାଇ - ସଚେତନତା ସପ୍ତାହ

ପୂର୍ବତଟ ରେଳପଥ ପକ୍ଷରୁ ପାଳନ କରାଯାଇଥିବା ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ ହୋଇଛି । ବିଭାଗୀୟ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ଅଧିକାରୀମାନେ ଆୟୋଜିତ ଉତ୍ସବରେ ଯୋଗଦେଇ ଜନସାଧାରଣଙ୍କ ସେବାରେ ଅଖଣ୍ଡତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ ।

*Cuttack/R*

## ଫୁଟ୍‌ବଲ୍

ଅଣାଅଶୀତମ ଫୁଟ୍‌ବଲ ଚାମ୍ପିୟାନ୍‌ସିପ୍-୨୦୨୪ ଓ.ଏସ୍.ଏ.ପି. ଷଷ୍ଠ ବାଟାଲିୟନ୍ ପରିସରରେ ଆରମ୍ଭ ହୋଇଛି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଗତକାଲି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଗତକାଲି ପ୍ରଥମ ଦିନରେ ୨୨ଟି ଦଳ ମଧ୍ୟରେ ୧୧ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ୪ଟି ଖେଳପଡ଼ିଆରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ।

*****